## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଅନୁଗୋଳ,(ଅମିତ୍ ସାମଲ): ଅନୁଗୋଳ ଜିଲା ଜରପଡ଼ା ଥାନା ବଡ଼ସିଂହାର ଗ୍ରାମର ଦିଲୀପ ନାଏକ(୪୦) ସୋମବାର ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି। ପୋଲିସ କହିଛି, ଦିଲୀପ ତାଙ୍କ ଘରର ଛାତ ଉପରକୁ ଯାଇଥିଲେ। ଏହି ସମୟରେ ସେ ସର୍ଭିସ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମଙ୍ଗଳବାର ପରିବାର ଲୋକଙ୍କୁ ପ୍ରଦାନ କରାଯିବ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୭।୮(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଟାପଢୋଲ ଗ୍ରାମର ପ୍ରମିଳା ସାହୁଙ୍କୁ ତାଙ୍କ ସ୍ୱାମୀ ନିରାକାର ସାହୁ ନିର୍ଯାତନା ଦେଉଥିବା ରବିବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୯୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ନିରାକାର ପ୍ରତ୍ୟେକ ଦିନ ବିନା କାରଣରେ ରାତିରେ ନିଶା ଦ୍ରବ୍ୟ ସେବନ କରି ପ୍ରମିଳାଙ୍କୁ ମାଡ଼ ମାରୁଛନ୍ତି। ଏପରିକି ତାଙ୍କ ଝିଅଙ୍କୁ ମଧ୍ୟ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଅବକାରୀ ଚଢ଼ାଉ, ୩ ଗିରଫ



ବଇଣ୍ଡା,୭।୮(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ସୋମବାର ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହିଘଟଣାରେ ଧଉରାଗୋଠ ଗ୍ରାମର କବିତା ପ୍ରଧାନ, ମଧୁସ୍ମିତା ମିର୍ଦ୍ଧା, ବାଲିଆମ୍ବ ଗ୍ରାମର ରାଜୁ ମହାରଣାଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୫୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢ଼ାଉ କରିଥିଲେ।

# ଅର୍ଦ୍ଧନିର୍ମିତରୁ ବଢ଼ୁଛି ଅସୁବିଧା





ରାଜପଥ ପାର୍ଶ୍ୱରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଡ୍ରେନ୍ କାର୍ଯ୍ୟ। ବର୍ଷା ବେଳେ ନିକଟରେ ଥିବା ଘରେ ପାଣି ପଶିଯାଇଛି।

**ସମ୍ପ୍ରସାରିତ ରାଜପଥରେ ସୁଗମ ହେବ ଯାତାୟାତ। ପ୍ରବଳ ବର୍ଷା ସତ୍ତ୍ୱେ ଜମିବନି ପାଣି। ସେଥିପାଇଁ ୨୦୨୦ ଫେବୃୟାରୀରୁ ଆରମ୍ଭ ହୋଇଥିଲା ଡ୍ରେନ୍ କାର୍ଯ୍ୟ। ବଇଣ୍ଡା ଅଞ୍ଚଳର ଅନେକ ଲୋକଙ୍କ ଘର ସମ୍ମୁଖକୁ ଖୋଳି ଦେଇଥିଲା ଠିକାସଂସ୍ଥା। ହେଲେ ୩ ବର୍ଷ ପରେ ମଧ୍ୟ ଆଗେଇପାରିନି କାମ। ନିର୍ମାଣ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାରୁ ବଢ଼ୁଛି ଲୋକଙ୍କ ଅସୁବିଧା। ଗମନାଗମନରେ ସୁବିଧା ତ ଦୂରର କଥା ସାମାନ୍ୟ ବର୍ଷା ହେଲେ ରାଜପଥ ପାର୍ଶ୍ୱ ଲୋକଙ୍କ ଘରେ ପଶୁଛି ପାଣି।**

- ■୫୫ ନଂ. ରାଜପଥ ପାର୍ଶ୍ୱରେ ସରୁନି ଡ୍ରେନ୍ ନିର୍ମାଣ
- ■୩ ବର୍ଷ ପରେ ମଧ୍ୟ ମାତ୍ର ୫୦ ପ୍ରତିଶତ କାର୍ଯ୍ୟ
- ■ବର୍ଷା ହେଲେ ବଇଣ୍ଡା ଅଞ୍ଚଳବାସୀଙ୍କ ଘରେ ପଶୁଛି ପାଣି

ବଇଣ୍ଡା,୭।୮(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ବଇଣ୍ଡା ଅଞ୍ଚଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ବହୁ ବିଳମ୍ବ ହେଉଛି। ବଇଣ୍ଡା ଠାରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ଚାଲିଥିବା ବେଳେ ୨ ପାର୍ଶ୍ୱରେ ରାସ୍ତା କାମ ୮୦ ପ୍ରତିଶତ ସରିଛି। ହେଲେ ଡ୍ରେନ କାର୍ଯ୍ୟ ଶେଷ କରାଯାଉ ନ ଥିବା ଯୋଗୁ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ବାରମ୍ବାର ଜିଲା ପ୍ରଶାସନ ଠାରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପଶିଯାଉଛି।

ବଇଣ୍ଡାବାସୀଙ୍କ କହିବା ଅନୁଯାୟୀ, ରାଜପଥ ସମ୍ପ୍ରସାରଣ ନିମନ୍ତେ କିଶୋରନଗର ବ୍ଲକ ବଇଣ୍ଡାଠାରେ ୨୦୧୮ ମେ ୧୭ ଓ ୧୮ରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ରାଜପଥର ୪ ଲେନ୍ ନିର୍ମାଣ ଶେଷ ହୋଇନାହିଁ। ସେହିପରି ରାଜପଥ ପାର୍ଶ୍ୱରେ ଥିବା ଅନେକ ଦୋକାନ, ଘର ସମ୍ମୁଖରେ ଡ୍ରେନ୍ ନିର୍ମାଣ ପାଇଁ ୨୦୨୦ ଫେବୃୟାରୀରୁ ଗାତ ଖୋଳାଯାଇଥିଲେ ହେଁ କାର୍ଯ୍ୟ ଆଗେଇପାରୁନାହିଁ। କଦଳୀମୁଣ୍ଡା ଠାରୁ ଶରଧାମୁଣ୍ଡା ପର୍ଯ୍ୟନ୍ତ ୩ କି.ମି. ଡ୍ରେନ ନିର୍ମାଣ କାର୍ଯ୍ୟର ମାତ୍ର ୫୦ ପ୍ରତିଶତ ଶେଷ ହୋଇପାରିଛି। ଏହି ଅଧାପନ୍ତରିଆ କାର୍ଯ୍ୟ ଯୋଗୁ ରାଜପଥ ପାର୍ଶ୍ୱରେ ଥିବା ବଇଣ୍ଡା ଅଞ୍ଚଳର ୪୦ ପ୍ରତିଶତ ଲୋକଙ୍କ ଘରେ ବର୍ଷା ବେଳେ ପାଣି ପଶିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ବଇଣ୍ଡା ଚନ୍ଦନ ପୋଖରୀ, ଶିବମନ୍ଦିର, ବସ୍‌ଷ୍ଟାଣ୍ଡଠାରେ ୩ଟି ବ୍ରିଜ୍ ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନାହିଁ। ଚନ୍ଦନ ପୋଖରୀରେ ବ୍ରିଜ୍ ନିର୍ମାଣ କରାଯାଉ ନ ଥିବାରୁ ନୁନୁକାପଶି ଅଞ୍ଚଳରୁ ଆସୁଥିବା ପାହାଡ଼ ପାଣି ଗଚ୍ଛିତ ହୋଇ ମାହେଶରୀ ମନ୍ଦିର, ଶିବ ମନ୍ଦିରରେ ପଶୁଛି। ଶୀଘ୍ର ରାସ୍ତା ଓ ଡ୍ରେନ୍ କାର୍ଯ୍ୟ କରିବା ପାଇଁ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ୧୨ ଏପ୍ରିଲ ୨୦୧୯, ୨ ଫେବୃୟାରୀ ୨୦୨୦, ୨୧ ମାର୍ଚ୍ଚ ୨୦୨୧, ୧୨ ଜାନୁୟାରୀ ୨୦୨୨, ୨ ମାର୍ଚ୍ଚ ୨୦୨୩ରେ ଅଭିଯୋଗ ପତ୍ର ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବଇଣ୍ଡା ଅଞ୍ଚଳର ବ୍ୟବସାୟୀଙ୍କ ତରଫରୁ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ତେଣୁ ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଠିକାସଂସ୍ଥାର ପରିଚାଳକ ଜିତେନ୍ଦ୍ର ବେହେରାଙ୍କୁ ପଚାରିବାରୁ କୌଣସି ମନ୍ତବ୍ୟ ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

### ଲୋକମାନେ ହଇରାଣ ହେଉଛନ୍ତି



ଶରଧାମୁଣ୍ଡା ଅଞ୍ଚଳରେ ଡ୍ରେନ୍ କାର୍ଯ୍ୟ ସମାପ୍ତ ହୋଇନାହିଁ। ଠିକାସଂସ୍ଥା ପକ୍ଷରୁ କାମ ବିଳମ୍ବ କରାଯାଉଥିବା ବେଳେ ଲୋକମାନେ ହଇରାଣ ହେଉଛନ୍ତି। ଏ ନେଇ ବହୁବାର ଠିକାସଂସ୍ଥାଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ।

-ମନୋରଞ୍ଜନ ପ୍ରଧାନ, ଶରଧାମୁଣ୍ଡା

### ଦୀର୍ଘବର୍ଷ ପରେ ମଧ୍ୟ କାମ ସମ୍ପୂର୍ଣ୍ଣ ହେଉନି



ଦୀର୍ଘବର୍ଷ ହେବ ବଇଣ୍ଡାଠାରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ କରାଯାଉଥିଲେ ହେଁ ଏହା ସମ୍ପୂର୍ଣ୍ଣ ହେଉନାହିଁ। ଫଳରେ ଲୋକେ ନାନା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତା ପାର୍ଶ୍ୱରେ ଥିବା ଲୋକଙ୍କ ଘରେ ପାଣି ପଶିଯାଉଛି।

-ଆକାଶ କୁମାର ଦେହୁରୀ, ବଇଣ୍ଡା

### ଯଥାଶୀଘ୍ର କାର୍ଯ୍ୟ ଶେଷ କରାଯାଉ



ବଇଣ୍ଡା ଅଞ୍ଚଳରେ ରାସ୍ତା ସମ୍ପ୍ରସାରଣରେ ବିଳମ୍ବ ହେଉଥିବା ଯୋଗୁ ଅନେକ ସମସ୍ୟା ଦେଖାଦେଉଛି। ଲୋକଙ୍କ ସୁବିଧା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଅର୍ଦ୍ଧନିର୍ମିତ ଡ୍ରେନ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ପଦକ୍ଷେପ ନିଆଯାଉ।

-ଜିତେନ୍ଦ୍ର ବେହେରା, ବଇଣ୍ଡା

### ମନ୍ଦିର ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜମୁଛି ପାଣି



୫୫ ନମ୍ବର ଜାତୀୟ ରାଜପଥର ସାମ୍ପ୍ରସାରଣରେ ବହୁ ବିଳମ୍ବ ହେଉଛି। ଡ୍ରେନ୍ ନିର୍ମାଣ ମଧ୍ୟ ଶେଷ କରାଯାଉନାହିଁ। ଏହି କାରଣରୁ ନୁନୁକାପଶି ପାହାଡ଼ରୁ ଆସୁଥିବା ପାଣି ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ, ମନ୍ଦିର ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଶୁଛି।

-ଅରବିନ୍ଦ ସାହୁ, ବଇଣ୍ଡା

### ଜିଲା ପ୍ରଶାସନ ପଦକ୍ଷେପ ନେଉ



ବଇଣ୍ଡା ଅଞ୍ଚଳରେ ରାସ୍ତା ଓ ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଦୀର୍ଘ ୫ ବର୍ଷ ହେବ ଅଞ୍ଚଳବାସୀ ଅସୁବିଧା ଭୋଗ କରୁଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନାହିଁ। ବର୍ଷା ହେଲେ ଅନେକ ଲୋକ ପାଣି ଘେରରେ ରହୁଛନ୍ତି। ଏପରିକି କେତେଜଣଙ୍କ ଘରେ ୨ ଫୁଟର ପାଣି ଜମି ରହୁଛି। ଏ ନେଇ ଜିଲା ପ୍ରଶାସନ ପଦକ୍ଷେପ ନେଉ।

-ଦୀପ୍ତିମୟୀ ସାହୁ, ନୁନୁକାପଶି ସରପଞ୍ଚ

# ମାଟିଖୋଳା ବେଳେ ଘରେ ପଶିଲା ପାଣି

ବଇଣ୍ଡା,୭।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ନିକଟସ୍ଥ କଦଳୀମୁଣ୍ଡା ସ୍ଥିତ ଏକ କଲଭର୍ଟ ନିକଟରେ ମାଟି ଖୋଳା ବେଳେ ବର୍ଷା ପାଣି ଲୋକଙ୍କ ଘରେ ପଶିଛି। ଏହାକୁ ନେଇ ସୋମବାର ଉତ୍ତେଜନା ଦେଖାଦେଇଛି। ପ୍ରକାଶ ଯେ, କଦଳୀମୁଣ୍ଡା ଠାରେ ଥିବା କଲଭର୍ଟରେ ପାଣି ନିଷ୍କାସନ ପାଇଁ ଠିକାସଂସ୍ଥା ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାର ଅନ୍ୟପଟରେ ଜମିରହିଥିଲା। କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତି ରଞ୍ଜନ ନାୟକଙ୍କ ଉପସ୍ଥିତିରେ ଠିକାସଂସ୍ଥା ପକ୍ଷରୁ ଜେସିବି ଦ୍ୱାରା କଲଭର୍ଟରୁ ମାଟି ଖୋଳାଯିବା ବେଳେ ଗଚ୍ଛିତ ପାଣି ଦିଲୀପ ବେହେରା ଓ ସନ୍ତୋଷ ବେହେରା ପ୍ରମୁଖଙ୍କ ଘର ଭିତରେ ପଶିଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଠିକାସଂସ୍ଥା ପ୍ରଶାସନକୁ ହାତବାରିସି କରି ଏ ଭଳି କାର୍ଯ୍ୟ କରୁଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ଏକ ସ୍ଥାୟୀ ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ କିଶୋରନଗର ତହସିଲଦାର କହିଛନ୍ତି, କିଭଳି ଘରେ ପାଣି ନ ପଶିବ ସେ ନେଇ ଏନ୍‌ଏଚ୍‌ଏଆଇକୁ ଚିଠି ମାଧ୍ୟମରେ ଅବଗତ କରାଯିବ।



କଲଭର୍ଟ ନିକଟରେ ମାଟି ଖୋଳାଯାଉଛି।

# ବଦଳି ବାତିଲ ନ ହେଲେ ଆନ୍ଦୋଳନ



ହଣ୍ଡପା ଥାନା ଉରୁକୁଳା ପଞ୍ଚାୟତ ଖମାର ଗ୍ରାମରେ ଅନୁଷ୍ଠିତ ବୈଠକରେ ଗ୍ରାମବାସୀ ଓ ଶିକ୍ଷା କମିଟି କର୍ମକର୍ତ୍ତା।

ବଇଣ୍ଡା,୭।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଳା ପଞ୍ଚାୟତ ଖମାର ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ତାପସ କୁମାର ନାୟକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାକୁ ନେଇ ଗ୍ରାମବାସୀ ଓ ଶିକ୍ଷା କମିଟି ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ଗ୍ରାମରେ ରବିବାର ଏକ ବୈଠକ ବସିବା ସହ ଶିକ୍ଷକଙ୍କ ବଦଳି ବାତିଲ କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି। ଗ୍ରାମବାସୀ ନିଜ ଅଭିଯୋଗ ସମ୍ପର୍କରେ ଆଠମଲ୍ଲିକ ବିଧାୟକ, କିଶୋରନଗର ବିଇଓ, ଅନୁଗୋଳ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଇଛନ୍ତି।

ଗ୍ରାମବାସୀ ଉଲେଖ କରିଛନ୍ତି, ୧୯୪୯ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମାତ୍ର ୪ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ ଶିକ୍ଷକ ତାପସ କୁମାର ନାୟକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ପୂର୍ବରୁ ଖାଲି ପଡିଥିବା ୩ ଶିକ୍ଷକ ପଦବୀ ପୂରଣ କରିବା ପରିବର୍ତ୍ତେ ଏଠାରୁ ଜଣେ ଶିକ୍ଷକଙ୍କୁ ବଦଳି କରାଯିବା ଦ୍ୱାରା ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହେଉଛି। ରାଜନୈତିକ ଚାପ ପକାଯାଇ ଏପରି ବଦଳି କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିବା ସହ ତୁରନ୍ତ ବଦଳି ବାତିଲ କରା ନ ଗଲେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ପଠାଇବୁ ନାହିଁ ବୋଲି ଅଭିଭାବକ ବଳରାମ ଦେହୁରୀ, କାମିନୀ ମାଝି, ମିନତୀ ଦେହୁରୀ, କୁନି ନାୟକ, ମଞ୍ଜରି ନାୟକ, ଜୟନ୍ତୀ ନାୟକ, ସୁଧୀର ମାଝି, କନକ ନାୟକ, ପ୍ରତିମା ପାତ୍ର, ଚିନା ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ କିଶୋରନଗର ବିଇଓ ସୁନୀଲ କୁମାର ସେଠୀ କହିଛନ୍ତି, ଅଭିଯୋଗ ସମ୍ପର୍କରେ ଅବଗତ ନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ପାଇବା ପରେ ତର୍ଜମା କରି ପଦକ୍ଷେପ ନିଆଯିବ।

# ଗାଁ ଇତିହାସ ଜାଣିଲେ ଆଗକୁ ବଢ଼ିବା

### ମିଲେଟ ମିଶନର ଆଲୋଚନାଚକ୍ର

ବଇଣ୍ଡା,୭।୮ (ପରିକ୍ଷିତ ସାହୁ)

ଓଡ଼ିଶା ମିଲେଟ ମିଶନ ସୌଜନ୍ୟରୁ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ପରିସରରେ ରବିବାର ଗାଁ ଇତିହାସ ଓ ଖାଦ୍ୟ ସଂସ୍କୃତି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ମିଲେଟ ମିଶନ ଅନୁଗୋଳ ଜିଲା ସଂଯୋଜକ ଅମୂଲ୍ୟ ଚୌଧୁରୀ, ବିଶେଷଜ୍ଞ ସର୍ବେଶ୍ୱର ସାହୁ, ଅବସରପ୍ରାପ୍ତ କୃଷି କର୍ମଚାରୀ ରାମଚନ୍ଦ୍ର ଦେହୁରୀ, ଡାକ୍ତର ଅରୁଣ କୁମାର ପ୍ରଧାନ ଏବଂ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ସୁଧୀରଞ୍ଜନ ପ୍ରଧାନ ଯୋଗଦେଇ ପୁଷ୍ଟିକର ଖାଦ୍ୟଶସ୍ୟରେ ମାଣ୍ଡିଆ, ବାଜରା ଆଦିର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ ଗାଁ ଇତିହାସ ଜାଣିଲେ ଆଗକୁ ବଢିପାରିବେ ବୋଲି ଅତିଥିମାନେ କହିଥିଲେ। ଏଥିସହ ଆଗରୁ ପ୍ରଚଳିତ ଖାଦ୍ୟ ସମ୍ପର୍କରେ ଅବଗତ ହୋଇ ତାହାକୁ ସନ୍ଦର୍ଭ ଆକାରରେ ଲିପିବଦ୍ଧ କରିବା ଉପରେ ମତ ପ୍ରକାଶ ପାଇଥିଲା। ଏଥିରେ ଅନ୍ୟତମ ଅତିଥି ଭାବରେ ରମାକାନ୍ତ ପ୍ରଧାନ, ସୁଧାଂଶୁ ରାଉଳ, ସୁଦାମ ଚରଣ ପ୍ରଧାନ, ଅଂଶଗ୍ରହଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# ୨୦୦ରୁ ଅଧିକ ବ୍ୟକ୍ତିଙ୍କ ଦନ୍ତ ପରୀକ୍ଷା

ଅନୁଗୋଳ, ୭।୮(ଅମିତ ସାମଲ)

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ (ବସୁଧା ଗ୍ରାମୀଣ)ର ଉପଦେଷ୍ଟା ଦୀନେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଜେଡି ତରଫରୁ ଇଣ୍ଡିଆନ ଡେଣ୍ଟାଲ ଆସୋସିଏଶନ (ଆଇଡିଏ) ସହାୟତାରେ ଅନୁଗୋଳ ମ୍ୟୁନିସିପାଲିଟିସ୍ଥିତ ୱାର୍ଡ ନଂ. ୩ରେ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଡିଏ ଓଡ଼ିଶା ଶାଖା ସଭାପତି ଡା. ସୁବାସ ନାୟକ, ସହଯୋଗୀ ସିନିୟର ଡେଣ୍ଟାଲ ସର୍ଜନମାନେ ୨୦୦ରୁ ଉର୍ଦ୍ଧ୍ୱ ଜଣଙ୍କ ଦନ୍ତ ପରୀକ୍ଷା କରିଥିଲେ। ବରିଷ୍ଠ ବିଜେଡି ନେତା ଭାଗୀରଥି ଦେହୁରୀ, ସ୍ଥାନୀୟ କାଉନସିଲର ମଞ୍ଜୁଲତା ଦେହୁରୀ, ଯୁବ ବିଜେଡି ଜିଲା ଉପସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ଜିଲା ସାଧାରଣ ସମ୍ପାଦକ ରାଜେଶ ମିଶ୍ର, ସଞ୍ଜୀବ ସାହୁ, ସମ୍ପାଦକ ଅମିତ ଦାସ, ସୌରଭ ବେହେରା, ପ୍ରଶାନ୍ତ ଦେହୁରୀ, ଛାତ୍ର ସାଧାରଣ ସମ୍ପାଦକ ରାହୁଲ ମହାପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ଶିବିରରେ ଅଶଂଗ୍ରହଣ କରିଥିବା ମହିଳାପୁରୁଷଙ୍କ ସମେତ ଛୋଟ ପିଲାମାନେ।

# ବନ୍ଧା ହେଲେ ଆଉ ଜଣେ ଅଭିଯୁକ୍ତ

### ଇକୋ ପାର୍କ ସମ୍ମୁଖରେ ଗୁଳିକାଣ୍ଡ ଘଟଣା

ଅନୁଗୋଳ,୭।୮(ଅମିତ୍ ସାମଲ)

ଅନୁଗୋଳ ଥାନା ଅଞ୍ଚଳରେ ଥିବା ଇକୋ ପାର୍କ ସମ୍ମୁଖରେ ଗତ ଜାନୁୟାରୀ ମାସରେ ବନ୍ଧୁକ ଫୁଟାଇବା ଘଟଣାରେ ସୋମବାର ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜରପଡ଼ା ଥାନା ପିତାଚରୀ ଗ୍ରାମର ଦେବାଶିଷ ବେହେରା(୨୨)। ଦେବାଶିଷଙ୍କୁ ମିଶାଇ ଗିରଫ ମୋଟ୍ ଅଭିଯୁକ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ପୋଲିସ କହିଛି, ଗତ ଜାନୁୟରୀ ୧୯ରେ ସୁଜିତ୍ ସ୍ୱାଇଁଙ୍କୁ ୧୪ ଜଣ ମରଣାନ୍ତକ ଆକ୍ରମଣ କରିଥିଲେ। ସୁଜିତ୍ ଜୀବନ ରକ୍ଷା କରିବା ପାଇଁ ନିକଟରେ ଥିବା ନାଳକୁ ଡେଇଁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ସୁଜିତଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୨/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ଥାନାଧିକାରୀ ପ୍ରଭାତ ତ୍ରିପାଠୀ ପ୍ରକାଶ କରିଛନ୍ତି।

# ୧୫୨ ଅଭିଯୋଗ ଶୁଣିଲେ ଜିଲାପାଳ



ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ।

ଛେଣ୍ଡିପଦା,୭।୮(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୧୫୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମାମୁରିଆ ଗ୍ରାମର ସୁବାସ ସାହୁଙ୍କୁ ୧୫ ହଜାର, ନତଡା ଗ୍ରାମର ଅରକ୍ଷିତ ପ୍ରଧାନଙ୍କୁ ଚିକିତ୍ସା ନିମନ୍ତେ ୧୫ ହଜାର, ଛେଣ୍ଡିପଦାର ତାରା ସେନାପତିଙ୍କୁ ୧୦ ହଜାର ଓ ମାମୁରିଆ ଗ୍ରାମର ହେମଲତା ସାହୁଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ଜିଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଉପଜିଲାପାଳ ବରେଣେନ୍ଦୁ ମହାନ୍ତି, ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ ପ୍ରଧାନ, ଛେଣ୍ଡିପଦା ତହସିଲଦାର ମାନସ ରାୟ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଆପତକାଳୀନ ଅଧିକାରୀ ସତ୍ୟାନନ୍ଦ ଦାସଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାଗସାପ, ୨୧ ଅଣ୍ଡା ଉଦ୍ଧାର

ଢେଙ୍କାନାଳ,୭।୮(ରତନ ନାୟାର)

ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳରୁ ରବିବାର ଏକ ନାଗସାପ ଓ ୨୧ଟି ଅଣ୍ଡା ଉଦ୍ଧାର କରାଯାଇଛି। ରାମେଶ୍ୱରପୁର ଅଞ୍ଚଳର ବିଭାସ ପୁହାଣ ଘରେ ନାଗ ସାପ ପଶିଥିବା ଦେଖି ସର୍ପ ଉଦ୍ଧାରକାରୀ ଟିମ୍ ସଦସ୍ୟଙ୍କୁ ଖବର ଦେଇଥିଲେ। ଫଳରେ ସର୍ପ ଉଦ୍ଧାରକାରୀ ଦଳର ସଦସ୍ୟ ସୂର୍ଯ୍ୟକାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିବା ସହିତ ସେଠାରେ ଥିବା ୨୧ଟି ସାପ ଅଣ୍ଡାକୁ ଉଦ୍ଧାର କରିଥିଲେ। ଉକ୍ତ ଅଣ୍ଡା ମଧ୍ୟରୁ ୯ଟି ଅଣ୍ଡାରୁ ସାପଛୁଆ ବାହାରିଥିବା ଜଣାପଡିଥିଲା। ଉଦ୍ଧାର ପରେ ସାପକୁ ବନବିଭାଗ କର୍ମଚାରୀଙ୍କ ସହାୟତାରେ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଛାଡି ଦିଆଯାଇଥିଲା। ଅନ୍ୟ ଅଣ୍ଡାରୁ ଛୁଆ ବାହାରିବା ପାଇଁ ସେଗୁଡ଼ିକୁ ସୁରକ୍ଷିତ ଜାଗାରେ ରଖାଯାଇଥିବା ସୂଚନା ମିଳିଛି।



# ‘ଶ୍ରୀଜଗନ୍ନାଥ ରସମୟ, ରହସ୍ୟମୟ’



ଆଲୋଚନାଚକ୍ରରେ ଉପସ୍ଥିତ ଅନୁଷ୍ଠାନର ସଦସ୍ୟଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ, ୭।୮(ରତନ ନାୟାର)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବୁଝିପାରିଲେ ସେ ରସମୟ। ନ ବୁଝି ପାରିଲେ ସେ ରହସ୍ୟମୟ। ପ୍ରତି ଓଡ଼ିଆଙ୍କ ପ୍ରାଣରେ, ଚିନ୍ତାରେ, ଚେତନାରେ ସେ ରହିଛନ୍ତି। ଢେଙ୍କାନାଳ ଦଧିବାମନଜୀଉ ମନ୍ଦିର ପରିସରରେ ରବିବାର ଶ୍ରୀ ଜଗନ୍ନାଥ ଚେତନା ସମିତି ଶାଖା ପକ୍ଷରୁ ଆୟୋଜିତ ଦ୍ୱିତୀୟ ମାସିକ ଆଲୋଚନାଚକ୍ରରେ ଅନୁଷ୍ଠାନର ସଭାପତି ସଦାନନ୍ଦ ଦାସ ମହାରାଜ ସଭାପତିତ୍ୱ କରି ଏଭଳି ମତବ୍ୟକ୍ତ କରିଛନ୍ତି।

‘ରସମୟ ଓ ରହସ୍ୟମୟ ଶ୍ରୀଜଗନ୍ନାଥ’ ଆଲୋଚନା କାର୍ଯ୍ୟକ୍ରମରେ ଅନ୍ୟତମ ଆଲୋଚକ ଭାବେ ସାହିତ୍ୟିକ ଆର୍ଯ୍ୟରତ୍ନ ଚକ୍ରଧର, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ, ମମତା ମିଶ୍ର ପ୍ରମୁଖ ଶ୍ରୀଜଗନ୍ନାଥଙ୍କ ଅଲୌକିକତା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅବନୀ ମିଶ୍ର ସ୍ୱରଚିତ ଭଜନ, କବି ନିର୍ମଳା ମହାପାତ୍ର ସ୍ୱରଚିତ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ଅକ୍ଷୟ ନାୟକ ଭଜନ ସମ୍ରାଟ ଭିକାରୀ ବଳଙ୍କ ଲୋକପ୍ରିୟ ଭଜନ ପରିବେଷଣ କରିଥିଲେ। ଅଶ୍ୱିନୀ ସାହୁ, ଧରମବୀର ସିଂ ଠାକୁର, ପୁରୁଷୋତ୍ତମ ନନ୍ଦ, କୋଷାଧ୍ୟକ୍ଷ ଅଭୟ ସାହୁ, ବସନ୍ତ ସାହୁ, ପ୍ରଶାନ୍ତ ବେହେରା, ଶରତ ବେହେରା, ସୁଶାନ୍ତ ପାଣି, ନାରାୟଣ ଦାସ, ପ୍ରୀତିରଞ୍ଜନ ପତି, ସୁଷମା ବେହେରା, ପ୍ରିୟା ବେହେରା, ବିଜ୍ଞାନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜ୍ଞାନେନ୍ଦ୍ର ସାହୁ ଆଦ୍ୟକଥନ ରଖିଥିଲେ। ପ୍ରଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନୂତନ ଅତିରିକ୍ତ ଜିଲାପାଳ ଦାୟିତ୍ୱ ନେଲେ

ଢେଙ୍କାନାଳ,୭।୮(ରତନ ନାୟାର)

ଢେଙ୍କାନାଳର ନୂତନ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଭାବେ ଲଳିତ ମୋହନ ବେହେରା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସେ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ସାକ୍ଷାତ କରି ତାଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ସେ ଏଥିପୂର୍ବରୁ ଅନୁଗୋଳ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଥିଲେ। ସେହିପରି ଢେଙ୍କାନାଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଥିବା ଉଦୟ କୁମାର ମହାପାତ୍ରଙ୍କୁ ଅତିରିକ୍ତ ଜିଲାପାଳ ଭାବେ ଅନୁଗୋଳ ଜିଲାକୁ ବଦଳି କରାଯାଇଛି।


ନୂତନ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା।

## ଇସ୍କନ ପକ୍ଷରୁ ଗୀତା ପ୍ରତିଯୋଗିତା


ଇସ୍କନ ପକ୍ଷରୁ ଗୀତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ ଅଫିସ,୭।୮(ରତନ ନାୟାର)

ଢେଙ୍କାନାଳ ଯୁକ୍ତ୨ ଇଟେକ୍ ବିଜ୍ଞାନ ମହାବିଦ୍ୟାଳୟରେ ଇସ୍କନ୍ ପକ୍ଷରୁ ରବିବାର ଭଗବତ ଗୀତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅପରାହ୍ନ ସାଢେ ୪ଟାରୁ ସନ୍ଧ୍ୟା ସାଢେ ୫ଟା ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ହୋଇଥିବା ବେଳେ ମୋଟ ୧୦୦ ମାର୍କର ପ୍ରଶ୍ନପତ୍ର ଦିଆଯାଇଥିଲା। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଆସନ୍ତା ଜନ୍ମାଷ୍ଟମୀ ନନ୍ଦ ଉତ୍ସବରେ ସହରସ୍ଥିତ ଗୋପୀନାଥ ଗାର୍ଡେନଠାରେ ପୁରସ୍କୃତ କରାଯିବ ବୋଲି ଇସ୍କନ ଢେଙ୍କାନାଳର ଅଧ୍ୟକ୍ଷ ପ୍ରେମ କିଶୋର ଦାସ ସୂଚନା ଦେଇଛନ୍ତି। ଇଟେକ୍ ଯୁକ୍ତ ୨ କଲେଜର ପ୍ରିନ୍ସିପାଲ ସୁରେଶ ମିଶ୍ର ଆଗକୁ କଲେଜରେ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଥିଲେ। ଢେଙ୍କାନଳର ପ୍ରତ୍ୟେକ ସ୍କୁଲ ଓ କଲେଜରେ ମଧ୍ୟ ଏହି ପ୍ରତିଯୋଗିତା କରାଯାଉଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଥିଲା।

# ଦିବ୍ୟାଙ୍ଗ ଡାକ୍ତରୀ ଛାତ୍ରଙ୍କୁ ମିଳିଲା ସହାୟତା

ଢେଙ୍କାନାଳ,୭।୮(ରତନ ନାୟାର)

ଜନ୍ମରୁ ଦିବ୍ୟାଙ୍ଗ ହୋଇ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜରେ ନାମ ଲେଖାଇଥିବା ଅଶ୍ରୁମୋଚନ ନାୟକ ଢେଙ୍କାନାଳ ଜିଲା ପାଇଁ ଗର୍ବ ଓ ଗୌରବ ସାଜିଛନ୍ତି। ନିଜର ବଳିଷ୍ଠ ଉଦ୍ୟମ ଯୋଗୁ ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହ ଅନ୍ୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଖବର ଜଣାପଡିବା ପରେ ଢେଙ୍କାନାଳ ସଦର ବ୍ଲକ ତାଳବରକୋଟସ୍ଥିତ ଏକାଡେମୀ ଅଫ୍ ମେଡିକାଲ ସାଇନ୍ସ ପକ୍ଷରୁ ସୋମବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ଉପସ୍ଥିତିରେ ଅଶ୍ରୁମୋଚନଙ୍କୁ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିସହିତ ପ୍ରତିବର୍ଷ ଟ୍ୟୁଶନ ଫି ପ୍ରଦାନ କରଯିବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରଜନୀକାନ୍ତ ତରାଇ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷା ମଧୁସ୍ମିତା ମଣ୍ଡଳ ଉପସ୍ଥିତ ଥିଲେ। ଏଥିସହିତ ଅଶ୍ରୁମୋଚନଙ୍କୁ ଆସନ୍ତା ସ୍ୱାଧୀନତା ଦିବସରେ ଆର୍ଥିକ ପ୍ରୋତ୍ସାହନ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଅଶ୍ରୁମୋଚନ ଜଣେ କାର୍ଡିଓଲୋଜି ବିଶେଷଜ୍ଞ ହେବେ ବୋଲି ଆଶା ରଖିଛନ୍ତି।


ଦିବ୍ୟାଙ୍ଗ ଡାକ୍ତରୀ ଛାତ୍ର ଅଶ୍ରୁମୋଚନଙ୍କୁ ସହାୟତା ପ୍ରଦାନ କରାଯାଉଛି।


ଢେଙ୍କାନାଳସ୍ଥିତ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ହାଇସ୍କୁଲରେ ମୁଖ୍ୟମନ୍ତ୍ରୀ ପରିଧାନ ଯୋଜନାର ଶୁଭାରମ୍ଭ ହୋଇଛି। ଡ୍ରିଲ୍ କ୍ଲାସ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ନାଲି, ନୀଳ, ହଳଦିଆ ଓ ସବୁଜ ରଙ୍ଗର ପୋଷାକ ପରିଧାନ କରିଛନ୍ତି।

# ୧୯ ଅଭିଯୋଗର ସମାଧାନ

ଢେଙ୍କାନାଳ,୭।୮(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୧୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରେ ୨୮ଟି ଗ୍ରାମ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ସେଥିରେ ୧୯ଟି ଅଭିଯୋଗର ସମାଧାନ କରାଯାଇଥିଲା। ରେଡ୍‌କ୍ରସ୍‌ରୁ ୫ ହଜାର ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭୦ ହଜାର ଟଙ୍କାର ସହାୟତା ଆବେଦନକାରୀଙ୍କୁ ପ୍ରଦାନ କରାଯାଇଥିଲା। ଜିଲାପଳ ସରୋଜ କୁମାର ସେଠୀ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ।


ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଆମେରିକା ଛାତ୍ରୀଙ୍କ ମନମୋହିଲା ଶାସ୍ତ୍ରୀୟ ନୃତ୍ୟ


ଢେଙ୍କାନାଳ ଦେବାଂଶୀ ଡ୍ୟାନ୍ସ ଏକାଡେମୀର ଛାତ୍ରୀ ଓ ଗୁରୁ ଗୌରୀ ଶଙ୍କର ଦାଶଙ୍କ ସହ ନ୍ୟୁୟର୍କ ରୋଚେଷ୍ଟର ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ।

ଢେଙ୍କାନାଳ,୭।୮(ରତନ ନାୟାର)

ଆମେରିକାସ୍ଥିତ ନ୍ୟୁୟର୍କ ରୋଚେଷ୍ଟର ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ଢେଙ୍କାନାଳ ଗସ୍ତରେ ଅଛନ୍ତି। ଏହି ଅବସରରେ ସେମାନେ ସୋମବାର ଢେଙ୍କାନାଳ ସହରସ୍ଥିତ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପରିଦର୍ଶନ କରିଥିଲେ। ସେଠାରେ ଅନୁଷ୍ଠାନର ଗୁରୁ ଗୌରୀ ଶଙ୍କର ଦାଶଙ୍କ ଦ୍ୱାରା ପ୍ରଶିକ୍ଷଣ ନେଉଥିବା ଛାତ୍ରୀମାନେ ଶାସ୍ତ୍ରୀୟ ନୃତ୍ୟ କରିଥିବା ବେଳେ ଏହା ଆମେରିକୀୟ ଛାତ୍ରୀଙ୍କ ମନ ମୋହି ନେଇଥିଲା। ଏହି ବିଦେଶୀ ଛାତ୍ରୀମାନେ ଶାସ୍ତ୍ରୀୟ ନୃତ୍ୟକୁ ବେଶ୍ ପସନ୍ଦ କରିଥିଲେ। ବିଶେଷକରି ସେମାନେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟକୁ ଅଧିକ ପ୍ରଶଂସା କରିଥିଲେ। ଏହି ଅବସରରେ ଗୁରୁ ଗୌରୀ ଶଙ୍କର ଦାଶ ଓ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନଙ୍କ ସହ ନୃତ୍ୟଶିକ୍ଷା ସମ୍ପର୍କରେ ଆମେରିକୀୟ ଛାତ୍ରୀ ବର୍ଷା ରମେଶ, ପ୍ରିତଲ ପ୍ରଭୁ, ନିସ୍ତା ନନ୍ଦଉମର, ବିଶ୍ୱା ଶୁକ୍ଳା, କେଭିନ ଜେଙ୍ଗ୍, ଲୋରେନ ପିକ୍‌କ ଆଲୋଚନା କରିଥିଲେ।

# ଗଁଦିଆ ସ୍ମୃତି ସଂସଦ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ଢେଙ୍କାନାଳ, ୭।୮(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ତଥା ବେଣାଝର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପ୍ରଧାନଙ୍କ ସ୍ମୃତିରେ ଗଁଦିଆ ସ୍ମୃତି ସଂସଦ ତରଫରୁ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ହରିହର ସାହୁଙ୍କ ଅଧ୍ୟକ୍ଷତାରେ ବରଦାପଟଣା ଗ୍ରାମସ୍ଥିତ ବାସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଗଁଦିଆ ସ୍ମୃତି ସଂସଦ ଉପଦେଷ୍ଟା ଡ. ସମୀର ସାହୁ, ଉପଦେଷ୍ଟା ଦଣ୍ଡଧର ସାହୁ, କାର୍ଯ୍ୟକାରୀ ସଭ୍ୟ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଧୀର, ପୂର୍ବତନ ବିଧାୟକ ସରୋଜ ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ସିଂ, ସରପଞ୍ଚ ରତିକାନ୍ତ ସାହୁ , ସାମାଜିକ କର୍ମୀ ଲଳିତ ଦାସ, ଶିକ୍ଷାବିତ୍ ଅନନ୍ତ ଚରଣ ଶତପଥୀ, ବିଜୟ ସାମନ୍ତ, ରାଧାନାଥ ଜେନା, ସଂଯୋଜକ ଗୌରହରୀ ଭୋଇ, ଶିକ୍ଷକନେତା ହେମନ୍ତ ବ୍ରହ୍ମ, ବୀରେନ୍ଦ୍ର ସାମନ୍ତ, ଯୁଗଳ କିଶୋର ଦାସ, ଉପେନ୍ଦ୍ର ସାହୁ, ଭୀମସେନ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଗଁଦିଆ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ଅକ୍ଷୟ ମିଶ୍ର, କୋଷାଧ୍ୟକ୍ଷ ଅଜିତ ରାଉତଙ୍କ ସମେତ ଢେଙ୍କାନାଳ, ଯାଜପୁର ଜିଲାର ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।


ଗଁଦିଆ ସ୍ମୃତି ସଂସଦ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।

# ପରିଣତ ବୟସରେ ପର କରିଦେଲା ପରିବାର

## ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧା

କାମାକ୍ଷାନଗର,୭।୮ (ସୁଧୀର ପରିଡ଼ା)

ବୟସ ଆଣି ବୃଦ୍ଧାବସ୍ଥାରେ ପହଞ୍ଚାଇଲାଣି। ଶରୀର ଦୁର୍ବଳ ହୋଇଗଲାଣି। ଖଟି ଖାଇବା ଆଉ ସମ୍ଭବ ନୁହେଁ। ହେଲେ ଏକଥା ଜାଣି ବି ପର କରିଦେଲେ ପରିବାର ଲୋକେ। ଘରୁ ତଡ଼ିଦେଲେ ବୋହୂ ଓ ପୁଅ। ଏପରି ଅବସ୍ଥାରେ ପର ପିଣ୍ଡାରେ ଆଶ୍ରୟ ନେଇଥିବାରୁ ତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଢେଙ୍କାନାଳ ଜିଲା କାମାକ୍ଷାନଗର ଆଳତୁମା ବଡ଼ବିଲା ସାହିର ରୁକ୍ମଣୀ ପାତ୍ର ସୋମବାର ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି।

ଅଭିଯୋଗରେ ରୁକ୍ମଣୀ ଦର୍ଶାଇଛନ୍ତି, ବୟସ ଅଧିକ ହୋଇଯାଇଥିବାରୁ ସେ ଆଉ ବାହାରେ କାମ କରି ନିଜ ଗୁଜରାଣ ମେଣ୍ଟାଇବା ଅବସ୍ଥାରେ ନାହାନ୍ତି। ପରିବାରରେ ବୋହୂ ଓ ପୁଅ ଥିଲେ ମଧ୍ୟ ସେମାନେ ତାଙ୍କର ଦେଖାଶୁଣା କରୁନାହାନ୍ତି। ଏପରି କି ନିଜ ଘରେ ବି ତାଙ୍କୁ ରଖାଇ ଦେଉନାହାନ୍ତି। ସେମାନେ ଘରୁ ବାହାର କରିଦେବା ପରେ ସେ ଏବେ ସାହି ପଡିଶାଙ୍କ ପିଣ୍ଡାରେ ଆଶ୍ରା ନେଇଛନ୍ତି। ତାଙ୍କ କଥା ବୁଝିବାକୁ ଆଉ କେହି ନ ଥିବାରୁ ପ୍ରଶାସନ ଉପରେ ଭରସା କରି ସେ ଧାଇଁ ଆସିଥିବା ରୁକ୍ମଣୀ କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କୁ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପାଇବା ପରେ ଉପଜିଲାପାଳ ତୁରନ୍ତ ଏନଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ରଙ୍କୁ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମାଧାନ ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।


କାମାକ୍ଷାନଗର ଉପଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି ରୁକ୍ମଣୀ ପାତ୍ର।

# ଆତ୍ମରକ୍ଷା କୌଶଳ ଶିଖିବା ଅତ୍ୟନ୍ତ ଜରୁରୀ

## ପ୍ରଶିକ୍ଷାର୍ଥୀଙ୍କୁ କଳର ବେଲ୍ଟ ପ୍ରଦାନ

ଢେଙ୍କାନାଳ,୭।୮(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଆମେଚର ଟାଏକୋଣ୍ଡୋ ଆସୋସିଏଶନ ଏବଂ ଗୁରୁଦେବଜୀ ଗୁରୁକୁଳ ମାର୍ଶାଲ ଆର୍ଟ ଏକାଡେମୀ ପକ୍ଷରୁ ସାମରିକ କଳା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଏହି ଉତ୍ସବକୁ ଉଦ୍‌ଘାଟନ କରିବା କହିଥିଲେ ଯେ, ଆଜିର ଦିନରେ ସମସ୍ତେ ଆତ୍ମରକ୍ଷା କୌଶଳ ଶିଖିବା ଅତ୍ୟନ୍ତ ଜରୁରୀ। ଏହି କଳା କୌଶଳ ଶିକ୍ଷା ଦ୍ୱାରା ନିଜକୁ ସୁସ୍ଥ ଓ ସୁରକ୍ଷିତ ରଖାଯାଇପାରିବ। ମୁଖ୍ୟବକ୍ତା ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ପିଲାମାନେ ପାଠ ପଢ଼ିବା ସହିତ ବିଭିନ୍ନ କ୍ରୀଡ଼ା ଶିକ୍ଷାଲାଭ କଲେ ଶାରିରୀକ ସ୍ତରରେ ସୁସ୍ଥ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ସେଣ୍ଟ ଜାଭିୟର ହାଇସ୍କୁଲ ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ଅରୁଣ କୁମାର ସାହୁ ଓ ସାମାଜିକ କର୍ମୀ ଉଦୟନ୍ଦୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସୌମ୍ୟବ୍ରତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତବର୍ଷ ବ୍ଲାକ ବେଲ୍ଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଜଗନ୍ନାଥ ରାଉତ, ଶୁଭମ ସାହୁ, ଜାଗୃତି ତ୍ରିପାଠୀ, ସନ୍ତୋଶିନୀ ମହାପାତ୍ର ଓ ଆଦ୍ୟାଶା ନାୟକଙ୍କୁ ବ୍ଲାକ ବେଲ୍ଟ ପ୍ରଦାନ କରାଯାଇଥିଲା। ସେହିପରି ଜାତୀୟସ୍ତରରେ ପଦକ ଆଣିଥିବା ଛାତ୍ରୀଛାତ୍ର ଓ ଲିଡରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଓ ଭାରପ୍ରାପ୍ତ କ୍ରୀଡ଼ା ଅଧିକାରୀ ଫ୍ଲୋରେନ୍ସିଆ ଏକ୍କା ଯୋଗଦେଇ ବିଭିନ୍ନ ବର୍ଗରେ ଉତୀର୍ଣ୍ଣ ହୋଇଥିବା ୮୫ ଛାତ୍ରୀଛାତ୍ରଙ୍କୁ ୟଲୋ, ଗ୍ରୀନ, ବ୍ଲୁ ଓ ରେଡ୍ ବେଲ୍ଟ ପ୍ରଦାନ କରିଥିଲେ। ଛାତ୍ର ମୁକ୍ତିକାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଡାର୍ଲିନ ଡାଲଟନ, ପ୍ରତାପ ନାୟକ, ଇନ୍ଦ୍ରଜିତ ସାହୁ, ଇତିସ୍ମିତା ଚୌଧୁରୀ, ଅଂଶୁମାନ ମିଶ୍ର ଓ ଆସ୍ଥା ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଆମେଚର ଟାଏକୋଣ୍ଡୋ ପକ୍ଷରୁ କଳର ବେଲ୍‌ଟ ପ୍ରଦାନ କରାଯାଉଛି।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

ଅନୁଗୋଳ, (ଅମିତ କୁମାର ସାମଲ): ଅନୁଗୋଳ ସଦର ଥାନା ସାକୋସିଂହା ଅଞ୍ଚଳରେ ଘରୋଇ ଫାଇନାନ୍ସ କମ୍ପାନୀର ଲୋନ୍ ଅଧିକାରୀ ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କ ନିକଟରୁ ୫ ଜଣ ଦୁର୍ବୃତ୍ତ ୧ ଲକ୍ଷ ୩୩ ହଜାର ୬୮୦ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଅରବିନ୍ଦ ନାୟକ ଅଭିଯୋଗ କରିବା ପରେ ପୋଲିସ ନଂ. ୪୫୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଅରବିନ୍ଦ ରବିବାର ସକାଳେ ପ୍ରଗତିନଗର, ସାକସିଂହା ଓ ଖ୍ରିକୋଲିପଶି ଗ୍ରାମରୁ ଟଙ୍କା ଆଦାୟ କରି ଫେରୁଥିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ।

## ସଂକ୍ଷେପରେ

### ଭୁଟାନ୍ ଯିବେ ଆଥଲେଟ୍ ପ୍ରକାଶ ଗଡ଼ନାୟକ

ଅନୁଗୋଳ, ୭/୮ (ଅମିତ କୁମାର ସାମଲ)

ବାଙ୍ଗଲୋର ଠାରେ ଗତ ମେ ମାସରେ ଅନୁଷ୍ଠିତ ପ୍ରଥମ ପ୍ୟାନ୍ ଇଣ୍ଡିଆ ମାଷ୍ଟରସ ଜାତୀୟ ପ୍ରତିଯୋଗିତାରେ ଅନୁଗୋଳର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ପ୍ରକାଶ ଗଡ଼ନାୟକ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରି ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଥିବାରୁ ଭୁଟାନ୍‌ରେ ହେବାକୁ ଥିବା ଅନ୍ତର୍ଜାତୀୟ ମାଷ୍ଟରସ୍ ପ୍ରତିଯୋଗିତା ପାଇଁ ସେ ମନୋନୀତ ହୋଇଛନ୍ତି। ୧୦୦ ଓ ୨୦୦ ଶହ ମିଟର ଦୌଡ଼ ଓ ଲମ୍ବ ଡିଆଁ ପ୍ରତିଯୋଗିତାରେ ସେ ଭାଗନେବାର କାର୍ଯ୍ୟସୂଚୀ ରହିଛି। କ୍ରୀଡ଼ାବିତ୍ ପ୍ରକାଶ ଚଳିତ ମାସ ୨୫ ତାରଖରେ ଭୁବନେଶ୍ୱରରୁ ବାହାରି ଭୁଟାନ୍ ଗସ୍ତରେ ଯିବେ।

## ବିଶ୍ୱସ୍ତରୀୟ ହେବ ତାଳଚେର ରୋଡ୍ ଷ୍ଟେଶନ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦୀ ସାମଲଙ୍କ ସମେତ ଅନ୍ୟ ଅଧିକାରୀମାନେ।

ତାଳଚେର,୭/୮ (ମନୋଜ ନନ୍ଦ)

ଅମୃତ ଭାରତ ଷ୍ଟେଶନ ଯୋଜନାରେ ସାମିଲ ହୋଇଛି ଅନୁଗୋଳ ଜିଲାର ୨ ରେଳଷ୍ଟେଶନ। ଅନୁଗୋଳ ରେଳ ଷ୍ଟେଶନ ପାଇଁ ୨୫.୪୧ କୋଟି ଏବଂ ତାଳଚେର ରୋଡ୍ ଷ୍ଟେଶନ ପାଇଁ ୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ରବିବାର ନୂଆଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି।

ତାଳଚେର ରୋଡ୍ ଷ୍ଟେଶନଠାରେ ରେଳ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍‌ଏସ୍‌ଆଇସିର ଡାଇରେକ୍ଟର କାଳନ୍ଦୀ ସାମଲ ଯୋଗଦେଇ କହିଲେ, ତାଳଚେର ରୋଡ୍ ଷ୍ଟେଶନକୁ ବିଶ୍ୱସ୍ତରୀୟ କରିବା ପାଇଁ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଅତିଥି ଭାବେ ଇଷ୍ଟକୋଷ୍ଟ ରେଲ୍‌ୱେର ଚିଫ୍ ଇଞ୍ଜିନିୟର ଅକ୍ଷୟ ସକ୍ସେନା, ଏଆର୍‌ଏମ୍ ତାଳଚେର ପି.କେ. ବିଶ୍ୱକର୍ମା, ଏଓଏମ୍ ଖୋର୍ଦ୍ଧା ରୋଡ୍ ଏ.ଏସ୍. ମିଶ୍ର, ସଭ୍ୟ ଗଦାଧର ସାହୁ, ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ବରିଷ୍ଠ ଭାଜପା ନେତା ଯଯାତି ପଟ୍ଟନାୟକ, ଭାଜପା ଯୁବନେତା ବିଭୂତି ସାହୁ, ସ୍ଥାନୀୟ ସରପଞ୍ଚ ଚାପଲି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ଅନୁଗୋଳ,୭/୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବାଗଡିଆ ଥାନା ଟାଙ୍ଗିରି ପଞ୍ଚାୟତର ଥଟାରି ସାହିରେ ସାପ କାମୁଡ଼ାରେ କୃଷ୍ଣ ପ୍ରଧାନଙ୍କ ସ୍ତ୍ରୀ ଅପରାଜିତା ପ୍ରଧାନ (୨୨)ଙ୍କ ମୃତ୍ୟୁ ହୋଇଛି। ଅପରାଜିତା ରବିବାର ରାତିରେ ଶୋଇଥିଲା ବେଳେ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଜଣେ ଗୁଣିଆଙ୍କ ନିକଟକୁ ନେଇଥିଲେ। ପରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ବାଗଡିଆ ଥାନା ପୋଲିସ ଖବରପାଇ ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ପୁରୁଣକୋଟ ଗ୍ରାମର କାମିନୀ ଗୋଛାୟତ(୩୫) ସୋମବାର ସାପ କାମୁଡାରେ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## କଳାବ୍ୟାଜ ପିନ୍ଧି ପ୍ରତିବାଦ

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ)/ ବଁଅରପାଳ, ୭/୮ (ଉପେନ୍ଦ୍ର ରାଉତ)

ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ନିର୍ଦ୍ଦେଶକ୍ରମେ ଅନୁଗୋଳ ଜିଲା କଣିହାଁ ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସୋମବାରଠାରୁ କଳା ବ୍ୟାଜ ପରିଧାନ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଆରମ୍ଭ କରିଛନ୍ତି। ଶିକ୍ଷାଗତ ଯୋଗ୍ୟତା ଆଧାରରେ ବର୍ଦ୍ଧିତ ଦରମା, ପଦୋନ୍ନତି ଓ ଅନ୍ୟାନ୍ୟ ସୁବିଧା ଆଦି ଦାବି ନେଇ ଗତ ୧ ତାରିଖରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେବାରୁ ସୋମବାରଠାରୁ ଅଗଷ୍ଟ ୧୭ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୮ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ପଞ୍ଚାୟତ ନିର୍ବାହୀ ସଂଘ କଣିହାଁ ଶାଖା ସଭାପତି ସୁବାସ ଚନ୍ଦ୍ର ଗୋଛାୟତ, ସମ୍ପାଦକ ବିଷ୍ଣୁପ୍ରସାଦ ପାତ୍ର ଓ ସଂଘ କାର୍ଯ୍ୟକର୍ତ୍ତା ଶରତ ସାହୁ, ସନ୍ତୋଷ ପ୍ରଧାନ, ବିଦେଶୀ ମହାନ୍ତି ପ୍ରମୁଖ ଜଣାଇଛନ୍ତି। ସେହିପରି ବଁଅରପାଳ ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି। ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଜିଲା ଶାଖା ସଭାପତି ଶ୍ରୀଧର କୁମାର ସାହୁ, ଉପସଭାପତି ଫୁଲେଶ୍ୱରୀ ନାଏକ, ସାଧାରଣ ସମ୍ପାଦକ ସୁବାସ ଗୋଛାୟତ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଜେନାଙ୍କ ନେତୃତ୍ୱରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା।


କଣିହାଁ ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ପ୍ରତିବାଦ କରୁଛନ୍ତି।

## ବାଉତୀ ପୀଠରେ ଲାଗିଲା ଚାରା

ପରଜଙ୍ଗ, ୭/୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ପୁରୁଣା ତଳବେରେଣା ଗ୍ରାମର ବଜରଙ୍ଗୀ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରବିବାର ମା' ବାଉତୀଙ୍କ ପୀଠରେ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିରୋଡ ରେଞ୍ଜର ପରେଶ ଚନ୍ଦ୍ର କିଷାନ, ସମ୍ମାନିତ ଅତିଥି ସରପଞ୍ଚ ଜୟନ୍ତୀ ଦାସ ଉପସ୍ଥିତ ଥିଲେ। ବୃକ୍ଷ ହିଁ ପ୍ରକୃତ ବନ୍ଧୁ। ଗଛ ବିନା ସ୍ୱାର୍ଥରେ ମଣିଷକୁ ସର୍ବସ୍ୱ ଦାନ କରିଦିଏ। ତେଣୁ ବନ୍ଧୁତ୍ୱ ଦିବସକୁ ସ୍ମରଣୀୟ କରିବା ପାଇଁ ଏଭଳି ଅଭିନବ ପଦକ୍ଷେପ ନିଆଯାଇଥିଲା। ପୀଠ ପରିସରରେ ୧୫୦ ଚାରା ଲଗାଯାଇଥିବାବେଳେ ଏହାର ସୁରକ୍ଷା କରିବା ପାଇଁ ସଙ୍ଗଠନର ସଦସ୍ୟ ଏବଂ ଗ୍ରାମବାସୀ ସଂକଳ୍ପ ନେଇଛନ୍ତି।


ଅତିଥିମାନେ ଚାରା ଲଗାଉଛନ୍ତି।

## ୪୩ ଅଭିଯୋଗର ଶୁଣାଣି

କାମାକ୍ଷାନଗର,୭/୮ (ସୁଧୀର ପରିଡ଼ା)

କାମାକ୍ଷାନଗର ବ୍ଲକ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ ସାଧାରଣ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୧୪ଟି ଅଭିଯୋଗ ରହିଥିଲା। ସେଥିମଧ୍ୟରେ ୧୨ଟି ବ୍ୟକ୍ତିଗତ ଓ ୨ଟି ସାମୂହିକ ଅଭିଯୋଗ ଥିଲା। ବିଡିଓ ବିକାଶ କୁମାର ମହାନ୍ତି, ତହସିଲଦାର ଓମ୍ ପ୍ରକାଶ ମହାନ୍ତି, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଉପଖଣ୍ଡ ଚିକିତ୍ସାଧିକାରୀ ଡ. ଦିଗମ୍ବର ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ରଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ସୋମବାର ବ୍ଲକ କାର୍ଯ୍ୟାଳୟ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ସେହିପରି କଙ୍କଡାହାଡ଼ ବ୍ଲକ ସଭାଗୃହ ପରିସରରେ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଡେପୁଟି ଜିଲାପାଳ ଅନିଲ କୁମାର ପାଣିଗ୍ରାହୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିନ୍ମୟ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ୨୯ଟି ଅଭିଯୋଗ ଆସିଥିଲାବେଳେ ଗୋଟିଏ ଫଇସଲା ହେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷ ଦୀପା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା, ଏବିଡିଓ ହରେକୃଷ୍ଣ ନାଏକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



କାମାକ୍ଷାନଗରଠାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

## ୩ ଶିଶୁ ଶ୍ରମିକ ଉଦ୍ଧାର

ଛେଣ୍ଡିପଦା,୭/୮ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକର ଏକ ହୋଟେଲରେ ପୋଲିସ ଓ ଅନୁଗୋଳ ଜିଲା ଶ୍ରମ ବିଭାଗ ପକ୍ଷରୁ ଚଢାଉ କରାଯାଇ ୩ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସିଆଇଡି ଇନ୍ସପେକ୍ଟର ତପନ କୁମାର ନାୟକ ଗତ ଶନିବାର କୌଣସି କାର୍ଯ୍ୟରେ ଛେଣ୍ଡିପଦା ଅଞ୍ଚଳକୁ ଆସିଥିବାବେଳେ ଉକ୍ତ ହୋଟେଲରେ ୩ ଜଣ ନାବାଳକ କାମ କରୁଥିବା ଦେଖିଥିଲେ। ଏ ନେଇ ସେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ଏବଂ ଜିଲା ଶ୍ରମ ଆୟୁକ୍ତ ଇତିଶ୍ରୀ ଜାଗରାଇଙ୍କୁ ସୂଚନା ଦେଇଥିଲେ। ଇତିଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଉକ୍ତ ହୋଟେଲରେ ଚଢାଉ କରାଯାଇ ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ଶିଶୁ ଶ୍ରମିକମାନଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ହସ୍ତାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ସିଆଇଡି ଇନ୍ସପେକ୍ଟର ତପନ ନାୟକ, ଛେଣ୍ଡିପଦା ଥାନା ଏଏସ୍‌ଆଇ ତ୍ରିଲୋଚନ ଜେନା, ଅନୁଗୋଳ ସହକାରୀ ଶ୍ରମ ଅଧିକାରୀ ଦୀପ୍ତିମୟୀ ରାଉଳ, ଚାଇଲ୍ଡ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ, ଆକ୍ସେସ ଟୁ ଜଷ୍ଟିସ କର୍ମକର୍ତ୍ତା ଗୋପବନ୍ଧୁ ସାହୁଙ୍କ ସମେତ ବହୁ ଶ୍ରମ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।



ଅଧିକାରୀମାନେ ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ତାଳଚେର,୭/୮ (ମନୋଜ ନନ୍ଦ)



ତାଳଚେର ଓକିଲ ସଂଘ ଅନ୍ତରୀଣ କମିଟିର ବରିଷ୍ଠ ସଦସ୍ୟ ତଥା ବରିଷ୍ଠ ଆଇନ୍‌ଜୀବୀ ଅରୁଣ ଶଙ୍କର ମିଶ୍ର (୮୬)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ସ୍ପଷ୍ଟବାଦୀ, ନିର୍ଭିକ ଏବଂ ଓକିଲାତି ପେଷାରେ ଜଣେ ଆଗଧାଡ଼ିର ବ୍ୟକ୍ତିତ୍ୱ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ତାଳଚେର ନଗରପାଳ ପବିତ୍ର ଭୂତିଆ, ଓକିଲ ସଂଘ ପୂର୍ବତନ ସଭାପତି ସନ୍ତୋଷ ସାହୁ, ଚିତ୍ତରଞ୍ଜନ ରାଉତ, ରଣଜିତ୍ ଘୋଷ, ବିଶ୍ୱେଶ୍ୱର ମିଶ୍ର, ଦେବାଶିଷ ଘୋଷ, କରୁଣାକର ନାୟକ, ଦେବୀ ପ୍ରସାଦ ରଥ, ଗଣେଶ୍ୱର ରାୟ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କର ମରଶରୀରକୁ ଏକ ପଟୁଆରରେ ତାଳଚେର ବିଚାର ବିଭାଗ ପରିସରକୁ ନିଆଯାଇଥିଲା। ସେଠାରେ ଅତିରିକ୍ତ ଜିଲା ଦୌରାଜଜ୍ ରବୀନ୍ଦ୍ର କୁମାର ଦାସ, ସବ୍‌ଜଜ୍ ମଧୁସ୍ମିତା ଜେନା, ଏସ୍‌ଡିଜେଏମ୍ ସୁଶାନ୍ତ ନାୟକ ପ୍ରମୁଖ ମାଲ୍ୟାର୍ପଣ ଦେଇଥିଲେ। ପରେ ମଧୁବାବୁ ସମ୍ମିଳନୀ କକ୍ଷଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣୀ ନଦୀ ଘାଟ ସ୍ଥିତ ଶାନ୍ତିଧାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ସିଦ୍ଧାର୍ଥ ଶଙ୍କର ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ନନ୍ଦନ ସୁନ୍ଦରୀ, ପୁତ୍ରବଧୂ ଓ ଝିଅ ଜ୍ୱାଇଁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଡ. ଅକ୍ଷୟ କୁମାର ରଥ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଭାଜପା ନେତା ରବିନାରାୟଣ ପାଣି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ପୂର୍ବତନ ଡିଲର ଗିରଫ

ଅନୁଗୋଳ,୭/୮ (ଅମିତ ସାମଲ)

ଖାଉଟିସାମଗ୍ରୀ ହେର୍‌ଫେର ଅଭିଯୋଗରେ ସୋମବାର ତାଳଚେର ଥାନା ବ୍ରଜନାଥପୁର ପଞ୍ଚାୟତ ରାଧାରମଣପୁର ଅଞ୍ଚଳର ପୂର୍ବତନ ଡିଲର ପଦ୍ମଲୋଚନ ଭୂତିଆ(୫୩)ଙ୍କୁ ପୋଲିସ ଗିରଫ କରିଛି। ତାଳଚେର ବିଡିଓ ଚିନ୍ମୟ ଚେତନା ଦାସଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୭୦/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି। ଥାନା ଅଧିକାରୀ କହିଛନ୍ତି, ୨୦୨୧ରୁ୨୦୨୩ମଧ୍ୟରେ ଲୋକଙ୍କ ଖାଉଟି ସାମଗ୍ରୀ ହେରଫେର ହୋଇଥିବା ଅଭିଯୋଗ ରହିଥିଲା। ବିଭାଗୀୟ ଅଧିକାରୀ ଘଟଣାର ତଦନ୍ତ କରି ବିଡିଓଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଲୋକଙ୍କ ସାମଗ୍ରୀ ହେରଫେର କରିଥିବାରୁ ସରକାରଙ୍କ ନିକଟରେ ଟଙ୍କା ପୈଠ କରିବାକୁ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ପଦ୍ମଲୋଚନଙ୍କୁ ଚିଠି କରାଯାଇଥିଲା। ସେ ଟଙ୍କା ପୈଠ ନ କରିବାରୁ ତାଙ୍କ ବିରୋଧରେ ତାଳଚେର ବିଡିଓ ଲିଖିତ ଅଭିଯୋଗ କରିଥିଲେ।

## ଶୃଙ୍ଖଳିତ ହୁଅ, କଠୋର ପରିଶ୍ରମ କର

ସାତମାଇଲ, ୭/୮ (ସୁଶାନ୍ତ ପତି)

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ଯୁକ୍ତ ୨ କଳା, ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ମହେଶ୍ୱର ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରି କହିଲେ, ଶୃଙ୍ଖଳିତ ହୋଇ କଠୋର ପରିଶ୍ରମ କଲେ ସଫଳତାର ଶୀର୍ଷରେ ପହଞ୍ଚି ପାରିବ। ଭଲ ମଣିଷ ହୋଇ ରାଷ୍ଟ୍ରହିତରେ ନିଜର ମହତ୍ୱପୂର୍ଣ୍ଣ ଯୋଗଦାନ ଦେବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ରସାୟନ ବିଜ୍ଞାନ ମୁଖ୍ୟ ଡ. ବିପିନ ବିହାରି ପତି, ପଦାର୍ଥ ବିଜ୍ଞାନ ମୁଖ୍ୟ ଅରବିନ୍ଦ ସାହୁ, ଭୂଗୋଳ ବିଭାଗ ମୁଖ୍ୟ ଡ. ଜୟନ୍ତ କୁମାର ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଡ. ନରେଶ ନାଏକ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଜୟ ସୁବୁଦ୍ଧି, ପ୍ରାଣୀ ବିଜ୍ଞାନ ମୁଖ୍ୟ ଶାଶ୍ୱତୀ ସୟଂପ୍ରଭା ମୁଦୁଲି, ରାଜନୀତି ବିଜ୍ଞାନ ମୁଖ୍ୟ ବିଭାବତୀ ଦାଶ, ସଂସ୍କୃତ ବିଭାଗ ମୁଖ୍ୟ କବିରାଜ ସାହୁ, ଇତିହାସ ବିଭାଗ ମୁଖ୍ୟ ସଂଯୁକ୍ତା ବେହେରା, ଶିକ୍ଷା ବିଭାଗ ମୁଖ୍ୟ ସଞ୍ଜୟ ନାଏକ, ଗଣିତ ବିଭାଗ ମୁଖ୍ୟ କମଳ ପଟ୍ଟନାୟକ ପ୍ରମୁଖ କଲେଜର ନୀତିନିୟମ, ପାଠ୍ୟଖସଡ଼ା, ଦୈନିକ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ସମେତ ଅନ୍ୟମାନେ।

## ନୂତନ ଉପଜିଲାପାଳଙ୍କ ଯୋଗଦାନ

ଆଠମଲ୍ଲିକ,୭/୮ (ଉଦିପ୍ତ ପୁରୋହିତ)

ଆଠମଲ୍ଲିକ ଉପଖଣ୍ଡର ନୂତନ ଉପଜିଲାପାଳ ଭାବେ ଜିତେନ୍ଦ୍ର କୁମାର ପାତ୍ର ଦାୟିତ୍ୱ ନେଇଛନ୍ତି। ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପୂର୍ବରୁ ସହକାରୀ ଜିଲାପାଳ ଥିବା ପାତ୍ର ସୋମବାର ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଦାୟୀ ଉପଜିଲାପାଳ ତରଣୀ ସୁନାଙ୍କ ଠାରୁ ଦାୟିତ୍ୱ ଭାର ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ନୂତନ ଉପଜିଲାପାଳ ଅଞ୍ଚଳର ଇଷ୍ଟଦେବୀ ମା' ମାହେଶ୍ୱରୀ ମନ୍ଦିରକୁ ଯାଇ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ଜିଲାପାଳଙ୍କୁ ସାକ୍ଷାତ ପାଇଁ ଅନୁଗୋଳ ଯାଇଥିଲେ।



## ଓପି ଜିନ୍ଦଲ ଅନୁଗୋଳ କପ୍ ଉଦ୍‌ଘାଟିତ


ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

ଅନୁଗୋଳ, ୭/୮ (ଅମିତ କୁମାର ସାମଲ)

ଅନୁଗୋଳ ପିଟିସି ଖେଳ ପଡିଆଠାରେ ସୋମବାର ଓପି ଜିନ୍ଦଲ ଅନୁଗୋଳ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡା ସଂସଦ ଓ ଜେଏସ୍‌ପି ଫାଉଣ୍ଡେଶନ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିନ୍ଦଲର ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଯୋଗଦେଇ ଓପି ଜିନ୍ଦଲ ଫୁଟବଲ୍ ଟୁର୍ନାମେଣ୍ଟର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ, ଜିନ୍ଦଲ ସିଏସ୍‌ଆର୍ ଅଧିକାରୀ ଆଶୁତୋଷ ମିଶ୍ର, କ୍ରୀଡ଼ା ଅଧିକାରୀ ତାପସ କୁମାର ମହାନ୍ତି, ସଂଘ ବରିଷ୍ଠ ସଦସ୍ୟ ପ୍ରଦୀପ ରାଉତ, ଆଇନଜୀବୀ ପ୍ରଦୀପ ଦେବତା, କିଶୋର କର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ନାଲ୍‌କୋ ଜୁନିୟର ଓ ଚାନ୍ଦ କ୍ଲବ୍ ଅନୁଗୋଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ସଡନ୍ ଡେଥ୍‌ରେ ନାଲ୍‌କୋ ୭-୬ରେ ଚାନ୍ଦ କ୍ଲବକୁ ପରାସ୍ତ କରିଥିଲା। ଦିଲୀପ ରାଉତ ଖେଳ ପରିଚାଳନା କରିଥିବାବେଳେ ବସନ୍ତ ଦାସ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

## ପୋଖରୀରେ ବୁଡ଼ି ମହିଳା ମୃତ

କାମାକ୍ଷାନଗର,୭/୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପଶି ପଞ୍ଚାୟତ ମଝିଖମଣ ଗ୍ରାମ ପୋଖରୀରେ ବୁଡି ସୋମବାର ନରାସି ସାହୁ (୫୨)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ନରାସି ଗାଧୋଇବା ପାଇଁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାମାକ୍ଷାନଗର ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ମଦ ନ ଦେବାରୁ ମ୍ୟାନେଜରଙ୍କୁ ମାଡ଼

ଅନୁଗୋଳ, ୭/୮ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ପ୍ରଗତିନଗର ମଦ ଦୋକାନର ମ୍ୟାନେଜର ଚନ୍ଦନ କୁମାରଙ୍କୁ ୩ ଜଣ ଯୁବକ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୪୫୦/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଧୀରେନ ବେହେରା ସୂଚନା ଦେଇଛନ୍ତି।

## ସ୍ୱଦେଶୀ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଉଥିଲେ ଓପି ଜିନ୍ଦଲ

### ୯୩ ତମ ଜନ୍ମ ବାର୍ଷିକୀରେ ବିଭିନ୍ନ ସମାଜସେବା କାର୍ଯ୍ୟକ୍ରମ

ଅନୁଗୋଳ, ୭/୮ (ଅମିତ କୁମାର ସାମଲ)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ୯୩ ତମ ଜୟନ୍ତୀ ଅବସରରେ ଅନୁଗୋଳସ୍ଥିତ ପ୍ଲାଣ୍ଟ ପରିସରରେ ସମାଜ ସେବା କାର୍ଯ୍ୟମାନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜେଏସ୍‌ପି ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା ଏବଂ ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲଙ୍କ ନେତୃତ୍ୱରେ ଓପି ଜିନ୍ଦଲଙ୍କ ସ୍ମୃତି ଚାରଣ କରାଯାଇଥିଲା। ପ୍ଲାଣ୍ଟର ବିଭିନ୍ନ ବିଭାଗୀୟ ମୁଖ୍ୟ ତଥା କର୍ମଚାରୀ ଏବଂ ତାଙ୍କ ପରିବାରବର୍ଗ, ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ ଝା କହିଥିଲେ, ଓପି ଜିନ୍ଦଲ ସର୍ବଦା ଭାରତୀୟ ଟେକ୍ନୋଲୋଜିର ବ୍ୟବହାର କରି ଇସ୍ପାତ ଉତ୍ପାଦନର ସ୍ୱପ୍ନ ଦେଖିବା ସହ ଏଥିରେ ସଫଳ ହୋଇଥିଲେ। ଦାମୋଦର ମିତ୍ତଲ କହିଥିଲେ, ଓମ ପ୍ରକାଶ ଜିନ୍ଦଲ ସର୍ବଦା ସରଳତା, ବିଶ୍ୱାସବୋଧ ଏବଂ କଠିନ ପରିଶ୍ରମ ଉପରେ ବିଶ୍ୱାସ କରୁଥିଲେ। ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ଦୀନେଶ ତ୍ରିପାଠୀ, ବିକାଶ ଗୋଏଲ, ଏସ୍.କେ. ଶର୍ମା ଓ ଅନ୍ୟ ବରିଷ୍ଠ କର୍ମଚାରୀମାନେ ଶ୍ରଦ୍ଧା ସୁମନଅର୍ପଣ କରିବା ସହିତ ଅନୁଭୂତି ବର୍ଣ୍ଣନା କରିଥିଲେ। ଓପି ଜିନ୍ଦଲ ସ୍କୁଲ ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ କର୍ମଚାରୀମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଜେଏସ୍‌ପି ଫାଉଣ୍ଡେଶନ ଏବଂ ଜିଲା ରେଡ୍‌କ୍ରସ୍, ରକ୍ତ ଭଣ୍ଡାର ସହଯୋଗରେ ଆୟୋଜିତ ଶିବିରରେ କମ୍ପାନୀର ୧୪୫ କର୍ମଚାରୀ ରକ୍ତଦାନ କରିଥିଲେ। ଏହି ଦିନଟିକୁ ସ୍ମରଣୀୟ କରିବା ପାଇଁ ଓପି ଜିନ୍ଦଲ ଅନୁଗୋଳ କପ୍ ଫୁଟବଲ ଟୁର୍ନାମେଣ୍ଟର ଆୟୋଜନ ସହ ବିଭିନ୍ନ ଜରାଶ୍ରମରେ ବରିଷ୍ଠ ନାଗରିକଙ୍କୁ ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଜିନ୍ଦଲ ନଗର ପରିସରରେ ଏକ ଭଜନ ସନ୍ଧ୍ୟା ଆୟୋଜନ ହୋଇଥିଲା।


କେକ୍ କଟାଯାଇ ଓପି ଜିନ୍ଦଲଙ୍କ ଜନ୍ମଦିବସ ପାଳନ କରାଯାଉଛି।

